# NATIONAL NEWS BULLETIN (ODIA)

**17 March - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆନ୍ଧ୍ରପ୍ରଦେଶ ଗସ୍ତରେ ଯାଇ ପାଲନାଡୁ ଜିଲ୍ଲାର ଚିଲାକାଲୁରିପେଟାରେ ଏକ ରାଜନୈତିକ ସଭାରେ ଯୋଗଦେବେ।

- ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି  ଚୀନର ମୁକାବିଲା ପାଇଁ ଭାରତକୁ ଘରୋଇ ଉତ୍ପାଦନ ଉପରେ ଜୋର୍ ଦେଇ କାର୍ଯ୍ୟ କରିବା ସହ ନିଜକୁ ପ୍ରସ୍ତୁତ ରହିବାକୁ ହେବ ।

- ଦିଲ୍ଲୀ ଜଳ ବୋର୍ଡରେ ଅନିୟମିତତା ଅଭିଯୋଗରେ ଇଡି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ସମନ କରିଛି।

- ଆଇସଲାଣ୍ଡର ରେକଜାନେସ୍ ଉପଦ୍ୱୀପରେ ପୁଣି ଥରେ ଏକ ଆଗ୍ନେୟଗିରି ବିସ୍ଫୋରଣ ଘଟିଛି ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଫାଇନାଲ୍‌ରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର' ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ।

# ପିଏମ-ଏନଡିଏ-ଆନ୍ଧ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆନ୍ଧ୍ରପ୍ରଦେଶ ଗସ୍ତ କରି ପାଲନାଡୁ ଜିଲ୍ଲାର ଚିଲା-କାଲୁରିପେଟା ଠାରେ ଅନୁଷ୍ଠିତ ହେବାକୁ ଥିବା ଏନ୍‌ଡିଏର ଏକ ନିର୍ବାଚନୀ ବୈଠକରେ ଅଧ୍ୟକ୍ଷତା କରିବେ । ଗତକାଲି ବିଜୟୱାଡା ଠାରେ ବିଜେପିର ଜାତୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ଅବସରରେ ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ହେବାକୁ ଥିବା ଏନଡିଏର ଏହି ପ୍ରଥମ ନିର୍ବାଚନୀ ବୈଠକରେ ଟିଡିପି ସୁପ୍ରିମୋ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ଜନସେନା ମୁଖ୍ୟ ପୱନ କଲ୍ୟାଣ ମଧ୍ୟ ଯୋଗଦେବେ ବୋଲି ଶ୍ରୀ ତାୱେଡେ କହିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଏହି ମେଣ୍ଟ ଭାଗିଦାରୀ ଟିଡିଟି, ଜନସେନା ଓ ବିଜେପି ପ୍ରାୟ ୧୦ବର୍ଷ ପରେ ଏକାଠି ଗୋଟିଏ ନିର୍ବାଚନୀ ବୈଠକରେ ଅଂଶଗ୍ରହଣ କରିବେ । ଗତ ୧୧ତାରିଖ ଦିନ ଏନ୍‌ଡିଏର ଏହି ଭାଗିଦାରୀ ଦଳଗୁଡିକ ମଧ୍ୟରେ ରାଜ୍ୟରେ ଲୋକସଭା ଏବଂ ବିଧାନସଭା ଆସନ ଆବଣ୍ଟନ ନେଇ ଚୂଡାନ୍ତ ହୋଇସାରିଛି । ମିଳିଥିବା ସୂଚନା ଅନୁଯାୟୀ ବିଜେପି ଆଗାମୀ ସାଧାରଣ ନିର୍ବାଚନରେ ୬ଟି ଲୋକସଭା ଏବଂ ୧୦ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ଥିବାବେଳେ ଟିଡିପି ୧୭ଟି ଲୋକସଭା ଓ ୧୪୪ଟି ବିଧାନସଭା ଆସନରେ ଲଢିବ । ଅନ୍ୟପକ୍ଷରେ

ଦୁଇଟି ଲୋକସଭା ଆସନ ଏବଂ ୨୧ଟି ବିଧାନସଭା ଆସନରେ ପଓ୍ୱନ କଲ୍ୟାଣଙ୍କ ଜନସେନା ନିଜ ପ୍ରାର୍ଥୀ ଦେବ ।

## ପିଏମ୍-ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ମହିଳାମାନେ ଟ୍ରାକ୍ଟର ଚଳାଇବାକୁ ଅନୁମତି ଦେଉନଥିବା ସାମାଜିକ ମାନସିକତାକୁ ଭାଙ୍ଗିବା ପାଇଁ ସେ ଗାଁର ଝିଅମାନଙ୍କୁ କୃଷି ଡ୍ରୋନ୍ ବଣ୍ଟନ କରିଛନ୍ତି। ଦିଲ୍ଲୀରେ ଇଣ୍ଡିଆ ଟୁଡେ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ମୋଦୀ କହିଛନ୍ତି ଯେ ନମୋ ଡ୍ରୋନ ଦିଦି ଯୋଜନାରେ ଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ ହଜାର ଡ୍ରୋନ ବଣ୍ଟନ କରାଯାଇଛି । ସରକାର ମହିଳାମାନଙ୍କୁ ଅର୍ଥନୈତିକ ଏବଂ ବୈଷୟିକ ସ୍ତରରେ ସଶକ୍ତ କରିବା ଲକ୍ଷ୍ୟରେ ଏହି ଦାୟିତ୍ୱ ନେବା ପାଇଁ ବିଶେଷ ଭାବରେ ଚୟନ କରିଛନ୍ତି । ଏହି ଡ୍ରୋନ୍ ଗାଁରେ କୃଷି ଓ ମହିଳାଙ୍କ ଭବିଷ୍ୟତ ବଦଳାଇଦେବ ବୋଲି ଶ୍ରୀ ମୋଦୀ କହିଛନ୍ତି।  ଗତ ୧୦ ବର୍ଷ ମଧ୍ୟରେ ବିଜେପି ସରକାର ଶାସନର ଏକ ସମ୍ପୂର୍ଣ୍ଣ ନୂତନ ମଡେଲ ବିକଶିତ କରିଛନ୍ତି ଯାହା ପ୍ରାଥମିକତା ତାଲିକାର ପଛରେ ଥିବା ବ୍ୟକ୍ତିଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ସମଗ୍ର ବିଶ୍ୱ ଅନିଶ୍ଚିତତା ଭିତରେ ଥିବାବେଳେ ଭାରତ ଦ୍ରୁତ ଗତିରେ ବିକାଶ ଜାରି ରଖିବ। ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା

ହେଉଛି 'ରାଷ୍ଟ୍ରର ମୁଡ୍' ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ ହେଡ୍‌ଲାଇନ୍ ପାଇଁ କାମ କରନ୍ତି ନାହିଁ, ବରଂ ଡେଡଲାଇନ୍ ପ୍ରଦାନ କରନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୨୦୧୪ ପୂର୍ବରୁ ଦେଶରେ ମାତ୍ର କିଛି ଶହ ପଞ୍ଜୀକୃତ ଷ୍ଟାର୍ଟଅପ୍ ଥିବା ବେଳେ ଆଜି ଏହି ସଂଖ୍ୟା ପ୍ରାୟ ୧ଲକ୍ଷ ୨୫ହଜାରେ ପହଞ୍ଚିଥିବା ସେ କହିଛନ୍ତି ।

## ଜୟଶଙ୍କର-କନ୍‌କ୍ଲେଭ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଚୀନର ମୁକାବିଲା ପାଇଁ ଭାରତକୁ ଘରୋଇ ଉତ୍ପାଦନ ଉପରେ ଜୋର୍ ଦେଇ କାର୍ଯ୍ୟ କରିବା ସହ ନିଜକୁ ପ୍ରସ୍ତୁତ ରହିବାକୁ ହେବ । ଏକ ମିଡିଆ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ଏହା କେବଳ ସୀମା ପ୍ରସଙ୍ଗ ନୁହେଁ, ଏଥିରେ ପ୍ରମୁଖ ଅର୍ଥନୈତିକ ସମସ୍ୟା ମଧ୍ୟ ରହିଛି। ଡ. ଜୟଶଙ୍କର କହିଛନ୍ତି, ଯଦି ଆପଣଙ୍କୁ ଚୀନ୍ ସହ ମୁକାବିଲା କରିବାକୁ ପଡ଼ିବ ତେବେ ଏଥିପାଇଁ ତୁମର ଅର୍ଥନୀତି ସୁଦୃଢ଼ ରହିବା ଦରକାର। ଶ୍ରୀ ଜୟଶଙ୍କର କହିଛନ୍ତି ଯେ ଗତ ଦଶନ୍ଧିରେ ହିଁ ଭାରତ ଚୀନର ମୁକାବିଲା କରିବା ପାଇଁ ଏହାର ଉତ୍ପାଦନ କ୍ଷେତ୍ର ଉପରେ ଧ୍ୟାନ ଦେବା ଆରମ୍ଭ କରିଥିଲା । ୨୦୨୦ ଗଲୱାନ ସଂଘର୍ଷ ପରେ ଚୀନ୍ ସହ ସମ୍ପର୍କ ଖରାପ ହୋଇଥିବା ସହ ଉତ୍ତେଜନା ବଢ଼ିବାରେ ଲାଗିଛି। ଚୀନ ସହ ସାମରିକ

ସ୍ତରୀୟ ଆଲୋଚନା ସମ୍ପର୍କରେ ଡ. ଜୟଶଙ୍କର କହିଛନ୍ତି ଯେ, ସୀମାରେ ପାଟ୍ରୋଲିଂକୁ ନେଇ ସମସ୍ୟା ରହିଛି କାରଣ ଉଭୟ ଦେଶର ଜବାନମାନେ ଆଗୁଆ ଅଞ୍ଚଳରେ ମୁତୟନ ଅଛନ୍ତି।

## ଇଡି-କେଜରିଓ୍ୱାଲ

ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ରେ ଅନିୟମିତତା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ସମନ କରିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ତାଙ୍କୁ ଜାତୀୟ ରାଜଧାନୀ ସ୍ଥିତ ତଦନ୍ତକାରୀ ଏଜେନ୍ସିର କାର୍ଯ୍ୟାଳୟରେ ହାଜର ହୋଇ ପିଏମ୍‌ଏଲ୍‌ଏର ବ୍ୟବସ୍ଥା ଅନୁଯାୟୀ ବୟାନ ରେକର୍ଡ କରିବାକୁ କୁହାଯାଇଛି।

ପିଏମଏଲଏ ଅଧୀନରେ ରୁଜୁ ହୋଇଥିବା ଏହା ହେଉଛି ଦ୍ୱିତୀୟ ମାମଲା ଯେଉଁଥିରେ ଶ୍ରୀ କେଜ୍ରିଓ୍ୱାଲଙ୍କୁ ସମନ କରାଯାଇଛି। ଦିଲ୍ଲୀ ଅବକାରୀ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପଚରାଉଚରା ପାଇଁ ତାଙ୍କୁ ସମନ ଜାରି କରାଯାଇଛି। କେଜ୍ରିଓ୍ୱାଲ ଏହି ମାମଲାରେ ଏପର୍ଯ୍ୟନ୍ତ ୮ଟି ସମନକୁ ବେଆଇନ ବୋଲି ଦର୍ଶାଇ ଏଜେନ୍ସି କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ଏଡାଇ ଦେଇଛନ୍ତି। ଅବକାରୀ ନୀତି ମାମଲାରେ ଇଡି ତାଙ୍କୁ ଚଳିତ ମାସ ୨୧ ତାରିଖରେ ହାଜର ହେବାକୁ ନବମ ନୋଟିସ୍ ପଠାଇଥିଲା।

ଡିଜେବି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଭିଯୋଗ କରିଛି ଯେ ଦିଲ୍ଲୀ ସରକାରଙ୍କ ଏହି ବିଭାଗ ଦ୍ୱାରା ଜାରି କରାଯାଇଥିବା ଚୁକ୍ତିନାମାରେ ବ୍ୟାପକ ଲାଞ୍ଚ କାରବାର ହୋଇଥିଲା । ଲାଞ୍ଚ ଅର୍ଥ ଆପ୍‌କୁ ନିର୍ବାଚନ ପାଣ୍ଠି ଭାବରେ ଦିଆଯାଇଥିବା ଅଭିଯୋଗ ହୋଇଛି। ଗତ ମାସରେ କେଜ୍ରିଓ୍ୱାଲଙ୍କ ବ୍ୟକ୍ତିଗତ ସହାୟକ ବିଭବ କୁମାର, ସାଂସଦ ଏନ୍ ଡି ଗୁପ୍ତା, ଡିଜେବିର ପୂର୍ବତନ ସଦସ୍ୟ ଶଲଭ କୁମାର, ଚାଟାର୍ଡ ଆକାଉଣ୍ଟାଣ୍ଟ ପଙ୍କଜ ମଙ୍ଗଲ ଏବଂ ଅନ୍ୟ କେତେକଙ୍କ ଘରେ ଏଜେନ୍ସି ଚଢ଼ାଉ କରିଥିଲା। ସିବିଆଇ ଏଫଆଇଆର ଅନୁଯାୟୀ, ଏନକେଜି ଇନଫ୍ରାଷ୍ଟ୍ରକଚର ଲିମିଟେଡ ନାମକ ଏକ କମ୍ପାନୀ ବୈଷୟିକ ଯୋଗ୍ୟତା ମାନଦଣ୍ଡ ପୂରଣ କରିନଥିଲେ ମଧ୍ୟ ଡିଜେବିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ଜଗଦୀଶ କୁମାର ଅରୋରା ସେହି କମ୍ପାନୀକୁ ମୋଟ ୩୮ କୋଟି ଟଙ୍କା ବ୍ୟୟରେ ବୋର୍ଡର ଚୁକ୍ତି ଦେଇଥିଲେ। ଇଡି ଚଳିତ ବର୍ଷ ଜାନୁଆରୀରେ ଏହି ମାମଲାରେ ଅରୋରା ଏବଂ ଠିକାଦାର ଅନିଲ କୁମାର ଅଗ୍ରଓ୍ୱାଲଙ୍କୁ ଗିରଫ କରିସାରିଛି।

## ଆଇସ୍‌ଲ୍ୟାଣ୍ଡ ଭୋଲ୍‌କାନୋ ଏମରଜନ୍ସି

ଆଇସଲାଣ୍ଡର ରେକଜାନେସ୍ ଉପଦ୍ୱୀପରେ ପୁଣି ଥରେ ଏକ ଆଗ୍ନେୟଗିରି ବିସ୍ଫୋରଣ ଘଟିଛି । ଡିସେମ୍ବର ମାସ ପରଠାରୁ ସେଠାରେ ଏହା ଚତୁର୍ଥ ବିସ୍ଫୋରଣ। ଏହି ଆଗ୍ନେୟଗିରିରୁ ଏବେ ଧୂଆଁ ଓ ଉଜ୍ଜ୍ୱଳ

କମଳା ରଙ୍ଗର ଲାଭା ବାୟୁମଣ୍ଡଳରେ ମିଶୁଛି । ଫଳରେ ଦକ୍ଷିଣ ଆଇସଲାଣ୍ଡରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯିବା ସହ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବ୍ଲୁ-ଲାଗୁନ୍ ସମେତ ଆଖପାଖ ଅଞ୍ଚଳରୁ ପର୍ଯ୍ୟଟକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି ।

ଆଇସଲାଣ୍ଡର ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଏହି ବିସ୍ଫୋରଣ ରେକ୍‌ଜାନେସ୍ ଉପଦ୍ୱୀପରେ ଥିବା ଷ୍ଟୋରା-ସ୍କୋଫେଲ୍ ଏବଂ ହାଗାଫେଲ୍ ପର୍ବତ ମଧ୍ୟରେ ପ୍ରାୟ ତିନି କିଲୋମିଟର ଲମ୍ବର ଫାଟ ସୃଷ୍ଟି କରିଥିଲା । ତେବେ ଆଇସଲାଣ୍ଡର କେଫ୍ଲାଭିକ୍ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ଆଞ୍ଚଳିକ ବିମାନବନ୍ଦରରେ ବିସ୍ଫୋରଣ ଯୋଗୁଁ ବିମାନ ଚଳାଚଳ ପ୍ରଭାବିତ ହୋଇନାହିଁ । ସୂଚନାଯୋଗ୍ୟ ଆଇସଲ୍ୟାଣ୍ଡ ଉତ୍ତର ଆଟଲାଣ୍ଟିକ ମହାସାଗରର ସବୁଠାରୁ ଅଧିକ ଆଗ୍ନେୟଗିରି ଉଦ୍‌ଗିରଣ ପ୍ରବଣ ଅଞ୍ଚଳରେ ଅବସ୍ଥିତ ।

## ଇଣ୍ଡିଆ-ସେସେଲ୍ସ ଏକ୍ସରସାଇଜ୍

ଭାରତୀୟ ସେନା ଏବଂ ସେସେଲ୍ସ ଡିଫେନ୍ସ ଫୋର୍ସ ଏସଡିଏଫ ମଧ୍ୟରେ ଚାଲିଥିବା ମିଳିତ ସାମରିକ ଅଭ୍ୟାସ 'ଲାମିଟି-୨୦୨୪'ର ଦଶମ ସଂସ୍କରଣରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ସେନା ଦଳ ଆଜି ସେସେଲ୍ସ ଅଭିମୁଖେ ଯାତ୍ରା କରିଛି । ଆସନ୍ତାକାଲିଠାରୁ ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ସେସେଲ୍ସରେ ଏହି ମିଳିତ ଅଭ୍ୟାସ ଅନୁଷ୍ଠିତ ହେବ ।

କ୍ରେଓଲ ଭାଷାରେ 'ଲାମିଟିୟେ' ଅର୍ଥ 'ଫ୍ରେଣ୍ଡସିପ୍' ଯାହାକି ଏକ ଦ୍ୱିବାର୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ୨୦୦୧ ମସିହାରୁ ସେସେଲ୍ସରେ ଆୟୋଜିତ ହେଉଛି । ଏହି ଅଭ୍ୟାସରେ ଭାରତୀୟ ସେନା ଗୋର୍ଖା ରାଇଫଲ ଓ ଏସ୍‌ଡିଏଫ୍‌ର ୪୫ ଜଣ ଯବାନ ଅଂଶଗ୍ରହଣ କରିବେ ।

ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଶାନ୍ତି ରକ୍ଷା ଅଭିଯାନ ସମ୍ପର୍କିତ ମିଳିତ ଜାତିସଂଘ ଚାର୍ଟରର ସପ୍ତମ ଅଧ୍ୟାୟ ଅଧୀନରେ ଅର୍ଦ୍ଧ-ସହରାଞ୍ଚଳ ପରିବେଶରେ ଉପ-ପାରମ୍ପରିକ ଅପରେସନରେ ଅନ୍ତକ୍ରିୟାଶୀଳତା ବୃଦ୍ଧି କରିବା ଏହି ସମରାଭ୍ୟାସର ଉଦ୍ଦେଶ୍ୟ । ଏହି ସମରାଭ୍ୟାସ ଶାନ୍ତି ରକ୍ଷା ଅଭିଯାନ ସମୟରେ ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି କରିବ। ଏହି ସମରାଭ୍ୟାସ ଦ୍ୱିପାକ୍ଷିକ ସାମରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ସହିତ ଉଭୟ ସେନା ମଧ୍ୟରେ ଦକ୍ଷତା, ଅଭିଜ୍ଞତା ଏବଂ ଉତ୍ତମ ଅଭ୍ୟାସ ଆଦାନପ୍ରଦାନ କରିବ ।

## ଜୋକୋଭିକ୍ ମିଆମି ଓପନ

୬ ଥର ମିଆମି ଓପନ୍ ଚାମ୍ପିୟନ ନୋଭାକ୍ ଜୋକୋଭିକ୍ ଆଗାମୀ ଟେନିସ୍ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ନେଇ ସ୍ପଷ୍ଟ କରିଛନ୍ତି। କ୍ୟାରିୟରର ଏହି ପର୍ଯ୍ୟାୟରେ ନିଜର ବ୍ୟକ୍ତିଗତ ଓ ବୃତ୍ତିଗତ କାର୍ଯ୍ୟସୂଚୀ ମଧ୍ୟରେ ସନ୍ତୁଳନ ରହୁ ନଥିବା ଦର୍ଶାଇ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମରେ ୩୬ ବର୍ଷୀୟ

ସର୍ବିଆର ଏହି ତାରକା ତାଙ୍କ ମିଆମି ପ୍ରଶଂସକଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ମିଆମି ଓପନ୍‌ର ମୁଖ୍ୟ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହେବ ଏବଂ ଫାଇନାଲ୍ ମ୍ୟାଚ୍ ଚଳିତମାସ ୩୦ ତାରିଖରେ ଖେଳାଯିବ ।

## ଆଥଲେଟିକ୍ସ

କାଲିଫର୍ଣ୍ଣିଆର ସାନ୍ ଜୁଆନ୍ କାପିଷ୍ଟ୍ରାନୋରେ ଖେଳାଯାଇଥିବା ୧୦ ହଜାର ମିଟର ଦୌଡ଼ ଇଭେଣ୍ଟରେ ଭାରତୀୟ ଆଥଲେଟ୍ ଗୁଲବୀର ସିଂହ ୨୭ ଦଶମିକ ୪/୧ ସେକେଣ୍ଡ୍ ସମୟ ନେଇ ୧୬ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । ୨୫ ବର୍ଷୀୟ ଏସୀୟ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ଗୁଲବୀର ସିଂହ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ । ସେ ୨୭ ମିନିଟ୍‌ର ଯୋଗ୍ୟତା ସମୟକୁ ହାସଲ କରିବା ପାଇଁ ଅଧିକ ୪୧ ସେକେଣ୍ଡ ସମୟ ନେଇଥିଲେ ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ର ଫାଇନାଲ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଜି ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ । ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ଶୁକ୍ରବାର ଦିନ ଏଲିମିନେଟରରେ ଗତଥରର

ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ରନ୍‌ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ମେଗ୍ ଲାନିଂଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ଏହି ଟୁର୍ଣ୍ଣାମେଣ୍ଟର ୮ଟି ମ୍ୟାଚ୍‌ରୁ ୬ଟିରେ ବିଜୟୀ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ମାତ୍ର ୪ଟି ମ୍ୟାଚ୍ ଜିତିପାରିଛି। ଆଜିର ଫାଇନାଲ୍ ମ୍ୟାଚ୍ ରାତି ସାଢ଼େ ୭ଟାରୁ ଆରମ୍ଭ ହେବ।